# NATIONAL NEWS BULLETIN (ODIA)
## 03rd October - 2026
## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସୁବାସ ଚନ୍ଦ୍ର ଶତପଥୀ**

## ମୁଖ୍ୟ ସମ୍ବାଦ

- ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ସମାବେଶୀ କ୍ଷେତ୍ର ସ୍ଥିରତାର ମୂଳଦୁଆ; କହିଲେ ଉପରାଷ୍ଟ୍ରପତି ।
- ମଧ୍ୟପ୍ରଦେଶର ଭୋପାଳଠାରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ତାଞ୍ଜାନିଆରେ ଆସନ୍ତା ସୋମବାରଠାରୁ ଆରମ୍ଭ ହେବ ଆନ୍ତଃ ସଂସଦୀୟ ସଂଘର ୧୫୩ତମ ବୈଠକ ।

— ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶଙ୍କ ନେତୃତ୍ୱରେ ଯୋଗଦେବେ ସଂସଦୀୟ ପ୍ରତିନିଧିମଣ୍ଡଳୀ ।

- ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ଆଜି ହାସଲ କରିଛି ୫ଟି ସ୍ୱର୍ଣ୍ଣ ପଦକ ।

— ୮୫ଟି ପଦକ ସହ ତାଲିକାରେ ଚତୁର୍ଥ ସ୍ଥାନକୁ ଉନ୍ନୀତ ।

ଏବଂ

- ମୁଲ୍ଲାନପୁର ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍‌ରେ ୱେଷ୍ଟଇଣ୍ଡିଜ୍ ସମ୍ମୁଖରେ ୩୫୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଭାରତ ।

## ଭି.ପି. - କୌଟିଲ୍ୟ କନ୍‌କ୍ଲେଭ୍

ସାମ୍ପ୍ରତିକ ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ସମାବେଶୀ କ୍ଷେତ୍ର ହେଉଛି ସ୍ଥିରତାର ମୂଳଦୁଆ ବୋଲି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ପଞ୍ଚମ କୌଟିଲ୍ୟ ଅର୍ଥନୈତିକ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି, ଆର୍ଥିକ ସ୍ଥିରତାକୁ ସାମଜିକ ସ୍ଥିରତାଠାରୁ ପୃଥକ୍ କରାଯାଇପାରିବ ନାହିଁ । 'ପରିବର୍ତ୍ତନର ଯୁଗରେ ନିରନ୍ତରତା' ପ୍ରସଙ୍ଗ ଆଧାରରେ ଆୟୋଜିତ ଏହି ସମ୍ମିଳନୀରେ ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି, ଗଣତନ୍ତ୍ର ଏବଂ ବିକାଶ ସମନ୍ୱିତ ମାଧ୍ୟମରେ ଗତିଶୀଳ ହୋଇପାରିବ । ତେବେ ସହମତି, ସମାବେଶୀ ଏବଂ ପ୍ରତିକ୍ରିୟାଶୀଳ ନୀତି ନିର୍ଦ୍ଧାରଣ ସ୍ଥାୟୀ ଅଭିବୃଦ୍ଧିକୁ ଅଧିକ ସଶକ୍ତ କରିବ ବୋଲି ସେ କହିଛନ୍ତି । ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ସାମୂହିକ ପ୍ରୟାସ ଉପରେ ଉପରାଷ୍ଟ୍ରପତି ଗୁରୁତ୍ୱ ପ୍ରଦାନ କରିଛନ୍ତି । ଆହ୍ୱାନ ସମୟରେ ସହମତି ଆଧାରିତ ନିଷ୍ପତ୍ତି ଗ୍ରହଣର ଆବଶ୍ୟକତା ରହିଛି ବୋଲି ଉପରାଷ୍ଟ୍ରପତି

କହିଛନ୍ତି । କୌଣସି ପ୍ରସଙ୍ଗ ଉପରେ ଆଲୋଚନାର ଗୁରୁତ୍ୱ ଉପରେ ଆଲୋକପାତ କରି ଉପରାଷ୍ଟ୍ରପତି କହିଛନ୍ତି, ଏହାଦ୍ୱାରା ସମସ୍ତଙ୍କଦ୍ୱାରା ଗ୍ରହଣୀୟ ଚୂଡ଼ାନ୍ତ ନିଷ୍ପତ୍ତି ସମ୍ଭବ ହୋଇପାରିବ ।

ଏହି ସମ୍ମିଳନୀରେ "ଆହ୍ୱାନ ପାଇଁ ପ୍ରସ୍ତୁତ ବିଶ୍ୱ" ଶୀର୍ଷକ ଏକ ଅଧିବେଶନକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର କହିଛନ୍ତି, ସାମ୍ପ୍ରତିକ ବିଶ୍ୱରେ ଭୌତିକ ବୈଶିଷ୍ଟ୍ୟ ଗୁରୁତ୍ୱ ଅର୍ଥନୈତିକ ପରିବର୍ତ୍ତନର ମାର୍ଗ ପାଲଟିଛି । ସେ କହିଛନ୍ତି, ଏକ ନିର୍ଭରଶୀଳ ଜାହାଜ ଚଳାଚଳ ମାର୍ଗରେ ସୃଷ୍ଟ ପ୍ରତିବନ୍ଧକ ବହୁ ଦୂରତାରେ ଥିବା ଅଶୋଧିତ ତୈଳ କ୍ଷେତ୍ରକୁ ପ୍ରଭାବିତ କରିପାରେ । ସାଧାରଣ ପରିସ୍ଥିତିରେ ଦକ୍ଷ ଯୋଗାଣ ଶୃଙ୍ଖଳ ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ସମ୍ମିଳନୀର ଅନ୍ୟ ଏକ ଅଧିବେଶନରେ ଯୋଗଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଭାରତର ଅର୍ଥନୈତିକ ଶକ୍ତି ଓ ସ୍ଥିରତା ଉପରେ ଆଲୋକପାତ କରିଛନ୍ତି । ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ୭ ଦଶମିକ ୮ ପ୍ରତିଶତ ଅଭିବୃଦ୍ଧି ସମ୍ପର୍କରେ ବର୍ଣ୍ଣନା କରି ଅର୍ଥମନ୍ତ୍ରୀ ଗତ ଦଶନ୍ଧିରେ ଦେଶର ଭିତ୍ତିଭୂମି ବିକାଶ, ବ୍ୟାଙ୍କ୍ କ୍ଷେତ୍ରରେ ସଂସ୍କାର, ଆର୍ଥିକ ଦୂରଦୃଷ୍ଟିସମ୍ପନ୍ନ ସରକାରଙ୍କ ପଦକ୍ଷେପ ଉପରେ ମତ ଉପସ୍ଥାପନ କରିଛନ୍ତି ।

# ଏମ୍.ପି. - ଅମିତ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ମଧ୍ୟପ୍ରଦେଶର ଭୋପାଳଠାରେ କେତେକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଭୋପାଳର ଭେଲ୍'ର ଦଶହରା ମଇଦାନଠାରେ ଏକ ରାଜ୍ୟସ୍ତରୀୟ ଗୋ-ପାଳକ ସମ୍ମିଳନୀକୁ ସମ୍ବୋଧନ କରିବା ସହ ଗୋ-ଆଶ୍ରୟସ୍ଥଳପାଇଁ ୧୦୧ କୋଟି ଟଙ୍କାର ଅନୁଦାନ ରାଶି ଘୋଷଣା କରିଛନ୍ତି । ଏଥିରେ ୧୧ଟି ଜିଲ୍ଲାର ପ୍ରାୟ ୩୫ ହଜାର ଗୋ-ପାଳକ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଶ୍ରୀ ଶାହା ଆଭାସୀ ମାଧ୍ୟମରେ ଉଜ୍ଜୟିନୀରେ ନିର୍ମିତ ହେବାକୁ ଥିବା ଏକ ଦୁଗ୍ଧ ପ୍ରକ୍ରିୟାକରଣ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ୨୫୫ କୋଟି ଟଙ୍କା ଏଥିପାଇଁ ବ୍ୟୟ ଅଟକଳ କରାଯାଇଛି । ଶ୍ରୀ ଶାହା କହିଛନ୍ତି, ୧୨ କୋଟି ଟଙ୍କା ବ୍ୟୟରେ ଭୋପାଳର ଏକ କେନ୍ଦ୍ରୀୟ ପ୍ରୟୋଗଶାଳା ସ୍ଥାପନ କରାଯାଇଛି । ଶିବପୁରୀରେ ଏକ କ୍ଷୁଦ୍ର ଦୁଗ୍ଧ କାରଖାନା ନିର୍ମାଣ କରାଯିବ ବୋଲି ଶ୍ରୀ ଶାହା ଘୋଷଣା କରିଛନ୍ତି ।

***Voice (Shah) :……***

ଗୋପାଳକ ସମ୍ମିଳନୀ ପୂର୍ବରୁ ଶ୍ରୀ ଶାହା ସେହି ମଇଦାନଠାରେ ମଧ୍ୟପ୍ରଦେଶ ପୁଲିସ୍‌ଦ୍ୱାରା ପ୍ରସ୍ତୁତ ନୂତନ ଅପରାଧିକ ଆଇନ ଆଧାରିତ ଏକ ପ୍ରଦର୍ଶନୀ ମଣ୍ଡପକୁ ଉଦ୍‌ଘାଟନ କରିଛନ୍ତି ।

## ଏମ୍.ଇ.ଏ. - ଓମାନ୍ ଏମ୍ବାସୀ

ହର୍ମୁଜ୍ ପ୍ରଣାଳୀରେ କୁଏତ୍ ପତାକାଧାରୀ ପଣ୍ୟବାହୀ ଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼ ହୋଇଛି । ସେଥିରେ ଥିବା ୫ ଜଣ ଭାରତୀୟ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରାଯାଇଛି । ଓମାନ୍‌ସ୍ଥିତ ଭାରତୀୟ ଦୂତାବାସ ଆଜି ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇ କହିଛି, ଏମ୍.ଟି. କାଜିମାହ-୩ ଜାହାଜ ଉପରେ ଆକ୍ରମଣ ହୋଇଥିଲା । ଓମାନ୍ କର୍ତ୍ତୃପକ୍ଷଙ୍କ ସହଯୋଗ ମାଧ୍ୟମରେ ଭାରତୀୟଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ଭାବେ କୂଳକୁ ଅଣାଯାଇଛି । ସେଥିପାଇଁ ଦୂତାବାସ ପକ୍ଷରୁ ଓମାନ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

## ହରିବଂଶ - ତାଞ୍ଜାନିଆ - ଡେଲିଗେସନ୍

ତାଞ୍ଜାନିଆରେ ଆସନ୍ତା ସୋମବାରଠାରୁ ୯ ତାରିଖ ପର୍ଯ୍ୟନ୍ତ ଆନ୍ତଃ ସଂସଦୀୟ ସଂଘ - ଆଇ.ପି.ୟୁ.ର ୧୫୩ତମ ବୈଠକ ଅନୁଷ୍ଠିତ ହେବ । ଏଥିରେ ଅଂଶଗ୍ରହଣ କରିବା ଲାଗି ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶଙ୍କ ନେତୃତ୍ୱରେ ଏକ ସଂସଦୀୟ ପ୍ରତିନିଧିମଣ୍ଡଳୀ ତାଞ୍ଜାନିଆ ଗସ୍ତରେ ଯାଇଛନ୍ତି । ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗ ଆଧାରିତ ବୈଠକ, ପ୍ୟାନେଲ୍ ଆଲୋଚନା ଏବଂ

କର୍ମଶାଳାରେ ପ୍ରତିନିଧିମଣ୍ଡଳୀ ଅଂଶଗ୍ରହଣ କରିବା ସହ ଭାରତର ଆଭିମୁଖ୍ୟ ଉପସ୍ଥାପନ କରିବେ । ଗଣତନ୍ତ୍ର ଏବଂ ମାନବାଧିକାର, ଶାନ୍ତି ଓ ଅନ୍ତର୍ଜାତୀୟ ସୁରକ୍ଷା, ସ୍ଥାୟୀ ବିକାଶ, ମହିଳା ସଶକ୍ତୀକରଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ରସଙ୍ଗଗୁଡ଼ିକ ଉପରେ ଅଧିବେଶନମାନ ଆୟୋଜିତ ହେବାର କାର୍ଯ୍ୟସୂଚୀ ରହିଛି ।

## ପି.ଏମ୍. - ୨୫ ଇୟର୍ସ ସେଣ୍ଟ୍ରାଲ ଭିସ୍ତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗିକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଙ୍କଳ୍ପ ଅଭିଯାନର ଏହି ସ୍ୱତନ୍ତ୍ର ଧାରାବାହିକରେ ଆଜି ଆମେ ଆପଣଙ୍କୁ 'ସେଣ୍ଟ୍ରାଲ୍ ଭିସ୍ତା' ଯୋଜନା ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛୁ ।

ସେଣ୍ଟ୍ରାଲ୍ ଭିସ୍ତା ପୁନଃବିକାଶ ପ୍ରକଳ୍ପ ହେଉଛି ନୂଆଦିଲ୍ଲୀରେ ଦେଶର କେନ୍ଦ୍ରୀୟ ପ୍ରଶାସନିକ ଏବଂ ନାଗରିକକୈନ୍ଦ୍ରିକ କାର୍ଯ୍ୟାଳୟଗୁଡ଼ିକର

ପୁନଃନିର୍ମାଣ କରିବା । ସେଗୁଡ଼ିକ ମଧ୍ୟରେ ନୂତନ ସଂସଦ ଭବନ, କର୍ତ୍ତବ୍ୟପଥ, କେନ୍ଦ୍ରୀୟ ସଚିବାଳୟ ଆଦି ରହିଛି । ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟ ନେଇ ଭିତ୍ତିଭୂମି କ୍ଷେତ୍ରରେ ଏଭଳି ବିକାଶ କରାଯାଇଛି । କେନ୍ଦ୍ର ସରକାରଙ୍କର ସମସ୍ତ ୫୧ଟି ମନ୍ତ୍ରଣାଳୟକୁ କେନ୍ଦ୍ରୀୟ ସଚିବାଳୟର ୧୦ଟି କୋଠା ମଧ୍ୟରେ ସ୍ଥାନିତ କରାଯାଇଛି । ଏହାଦ୍ୱାରା ମନ୍ତ୍ରଣାଳୟଗୁଡ଼ିକ ମଧ୍ୟରେ ସମନ୍ୱିତ କାର୍ଯ୍ୟବ୍ୟବସ୍ଥା ଅଧିକ ତ୍ୱରାନ୍ୱିତ ହୋଇପାରିଛି । ୨୦୨୩ ମଇ ମାସ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂତନ ସଂସଦ ଭବନକୁ ଉଦ୍‌ଘାଟନ କରିଥିଲେ । 'ଏକ ଭାରତ ଶ୍ରେଷ୍ଠ ଭାରତ' ଦୃଷ୍ଟିକୋଣ ଆଧାରରେ ଏହି ସଂସଦ ଭବନରେ ବିଭିନ୍ନ ରାଜ୍ୟରୁ ସଂଗୃହୀତ ସାମଗ୍ରୀକୁ ସ୍ଥାନିତ କରାଯାଇଛି । ଏହାର ୬ଟି ପ୍ରବେଶ ପଥ ପୌରାଣିକ ପ୍ରାଣୀଙ୍କ ନାମାନୁସାରେ ନାମାଙ୍କନ କରାଯାଇଛି । ସେଗୁଡ଼ିକ ହେଉଛି - ଗଜ, ଅଶ୍ୱ, ଗରୁଡ଼, ମକର, ଶାର୍ଦ୍ଦୁଳ ଏବଂ ହଂସ । ସଂସଦ ଭବନକୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏହା ହେଉଛି ୧୪୦ କୋଟି ଭାରତୀୟଙ୍କ ଆକାଂକ୍ଷା ଓ ସ୍ୱପ୍ନର ପ୍ରତିଫଳନ ।

***Voice (PM) :..........***

# ଆନ୍ଧ୍ର - ବଏଲର୍ ଏକ୍ସପ୍ଲୋଜନ୍

ଆନ୍ଧ୍ର ପ୍ରଦେଶର ଶ୍ରୀ ସିଟି ସତ୍ୟବେଦୁ ମଣ୍ଡଳର ଏକ ଘରୋଇ ଶିଳ୍ପ ଉଦ୍ୟୋଗରେ ଆଜି ବଏଲର୍ ବିସ୍ଫୋରଣ ଯୋଗୁଁ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍‌ରେ ଥିବା ଏହି କାରଖାନାରେ ଘଟିଥିବା ବିସ୍ଫୋରଣରେ ୨ ଜଣ ଶ୍ରମିକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ୨ ଜଣ ଗୁରୁତର ଆହତଙ୍କର ମୃତ୍ୟୁ ହୋଇଛି । ରାଜ୍ୟପାଳ ଏସ୍. ଅବଦୁଲ ନଜୀର ଏବଂ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ନାଇଡୁ ବରିଷ୍ଠ ଅଧିକାରୀଙ୍କ ସହ ସ୍ଥିତିନେଇ ଆଲୋଚନା କରିଛନ୍ତି ।

# ଏସିଆନ୍ ଗେମ୍ସ - ଟାଲୀ

ଜାପାନର ଆଇଚି-ନାଗୋୟାଠାରେ ଚାଲିଥିବା ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଆଜି ଭାରତ ୫ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ୨ଟି କାଂସ୍ୟପଦକ ହାସଲ କରିଛି । ଏଥିସହ ଭାରତର ପଦକ ସଂଖ୍ୟା ୮୫କୁ

ବୃଦ୍ଧି ପାଇଛି । ସେଥିରେ ୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଏବଂ ୩୭ଟି କାଂସ୍ୟ ପଦକ ରହିଛି । ଭାରତ ତାଲିକାର ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି ।

ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ବର୍ଗରେ ପାକିସ୍ତାନକୁ ୧୯ ରନ୍‌ରେ ପରାସ୍ତ କରି ଭାରତ ସ୍ୱର୍ଣ୍ଣପଦକ ହାସଲ କରିଛି ।

ପୁରୁଷ କୁସ୍ତି ପ୍ରତିଯୋଗିତାରେ ଅମନ ସେହେରାୱତ୍ ୫୭ କିଲୋଗ୍ରାମ୍ ବର୍ଗରେ ଉତ୍ତର କୋରିଆ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ।

ହକି ପ୍ରତିଯୋଗିତାରେ ମାଲେସିଆକୁ ୫-୧ ଗୋଲ୍‌ରେ ପରାସ୍ତ କରି ଭାରତୀୟ ପୁରୁଷ ଦଳ ସ୍ୱର୍ଣ୍ଣପଦକ ପାଇଛନ୍ତି । ଏଥିସହ ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ପ୍ରତିଯୋଗିତାକୁ ସିଧାସଳଖ ଯୋଗ୍ୟତା ହାସଲ କରିଛି ।

ଗଲ୍‌ଫ ବର୍ଗରେ ପ୍ରଣବି ଉର୍ସ ସ୍ୱର୍ଣ୍ଣପଦକ ଜିତିଛନ୍ତି । ଏହି ବର୍ଗରେ ସ୍ୱର୍ଣ୍ଣପଦ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ମହିଳା ଖେଳାଳି ।

୯୭ କିଲୋଗ୍ରାମ ପୁରୁଷ ଫ୍ରି-ଷ୍ଟାଇଲ୍ କୁସ୍ତି ବର୍ଗରେ ଦୀପକ ପୁନିଆ ବ୍ରୋଞ୍ଜ୍ ପଦକ ବିଜୟୀ ହୋଇଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଦକ ବିଜେତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# କ୍ରିକେଟ୍

ନିୟୁ ଚଣ୍ଡୀଗଡ଼ର ମୁଲ୍ଲାନପୁରଠାରେ ଚଳିତ ଭାରତ-ୱେଷ୍ଟଇଣ୍ଡିଜ୍ ଦିନିକିଆ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଜାରି ରହିଛି । ଭାରତ' ୱେଷ୍ଟଇଣ୍ଡିଜ୍ ସମ୍ମୁଖରେ ୩୫୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୫୦ ଓଭର୍‌ରେ ଭାରତ ୭ ୱିକେଟ୍ ବିନିମୟରେ ୩୫୧ ରନ୍ ସଂଗ୍ରହ କରିଛି । ଦଳ ପକ୍ଷରୁ କେ.ଏଲ୍. ରାହୁଲ ୮୭ଟି ବଲ୍‌ରୁ ଅପରାଜିତ ୧୨୯ ରନ୍ ସଂଗ୍ରହ କରିଥିବାବେଳେ ରୋହିତ ଶର୍ମା ୯୨ ରନ୍ ଓ ଋତୁରାଜ ଗାଇକ୍ୱାଡ଼ ୫୭ ରନ୍‌ର ପାଳି ଖେଳିଛନ୍ତି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ୱେଷ୍ଟଇଣ୍ଡିଜ୍ ଦଳ ୪ ଓଭରରେ କୌଣସି ୱିକେଟ୍ ନ ହରାଇ ୪୧ ରନ୍ ସଂଗ୍ରହ କରିଥିଲା । ଏହି ସିରିଜ୍ ପ୍ରଥମ ଦୁଇଟିଯାକ ମ୍ୟାଚ୍ ଜିତି ଭାରତ ୨-୦ରେ ଆଗୁଆ ରହିଛି ।

*****